The Odisha Gazette

EXTRAORDINARY

PUBLISHED BY AUTHORITY

No. 4101 CUTTACK, MONDAY, SEPTEMBER 22, 2025/BHADRA 31, 1947

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ଅଧିସୂଚନା

The 7th August 2025

No. 29636—RDM-LAB-GM-0030/2025-R&DM—ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ଗଞ୍ଜାମ ଜିଲ୍ଲାର ଛେଳିଗଡ ଜଳସେଚନ କେନାଲ ପ୍ରକଳ୍ପ ନିର୍ମାଣ ନିମନ୍ତେ ମୌଜା- ପୋଡାମାରୀ, ଥାନା-ପାଟପୁର, ତହସିଲ- ସାନଖେମୁଣ୍ଡି, ଜିଲ୍ଲା- ଗଞ୍ଜାମରେ ନିମ୍ନ ତଫସିଲ ମତେ ପ୍ରାୟ୨.୨୩୦ଏକର ଭୂମି ଅର୍ଜ୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜ୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରୁଛନ୍ତି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜ୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜ୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ଧାରା ୧୫ର ବ୍ୟବସ୍ଥା ଅନୁଯାୟୀ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୁପ- ଛେଳିଗଡ ଜଳସେଚନ କେନାଲ ପ୍ରକଳ୍ପର ନିର୍ମାଣ ନିମନ୍ତେ ।

୨-ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଅଧିକ୍ଷଣ ଯନ୍ତ୍ରୀ, ଛେଳିଗଡ କେନାଲ ବିଭାଜନ, ଦିଗପହଣ୍ଡି ଗଞ୍ଜାମ ।

୩-କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ଗଞ୍ଜାମ ଜିଲ୍ଲାର ଛେଳିଗଡ ଜଳସେଚନ କେନାଲ ପ୍ରକଳ୍ପ ନିର୍ମାଣ ନିମନ୍ତେ (ଉକ୍ତ ପ୍ରକଳ୍ପ ଯୋଗୁଁ କୌଣସି ଲୋକ ବିସ୍ଥାପିତ ହେଉନାହାନ୍ତି) ।

୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡିଶା ସରକାରଙ୍କର ପତ୍ରସଂଖ୍ୟା-୩୩୭୫୬, ତାରିଖ ୦୧.୧୦.୨୦୨୪ ରେ ଦ୍ରଷ୍ଟବ୍ୟ ।

୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପଜିଲ୍ଲାପାଳ, ବ୍ରହ୍ମପୁର, ଗଞ୍ଜାମ

୬- ଜମିର ବିବରଣୀ-

ଜିଲ୍ଲା	ତହସିଲ	ଗ୍ରାମ	ଗ୍ରାମାଞ୍ଚଳ / ସହରାଞ୍ଚଳ	ଖାତା ନଂ	ପ୍ଲଟ୍ ନଂ	ପ୍ଲଟ୍‌ର ମୋଟ ରକବା	ଅଧିସୂଚୀତ ଜମିର ରକବା	ରୟତ୍‌ର ନାମ
ଗଞ୍ଜାମ	ସାନଖେମୁଣ୍ଡି	ପୋଡାମାରୀ	ଗ୍ରାମାଞ୍ଚଳ	ଏଥି ସହିତ ସଂଲଗ୍ନ	ଏଥି ସହିତ ସଂଲଗ୍ନ	ଏ. ୭.୭୩୭	ଏ. ୨.୨୩୦	ଏଥି ସହିତ ସଂଲଗ୍ନ

ଉକ୍ତ ଭୂମିର ଏକ ନକ୍ସା ଜିଲ୍ଲାପାଳ, ଗଞ୍ଜାମ ଓ ସ୍ୱତନ୍ତ୍ର ଭୂ-ଅର୍ଜ୍ଜନ ତଥା ଥଇଥାନ ଓ ପୁନର୍ବସତି ଅଧିକାରୀ, (ମଧ୍ୟମ ଜଳସେଚନ ପ୍ରକଳ୍ପ), ମହେନ୍ଦ୍ରଗଡଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଜିଲ୍ଲାପାଳ, ଗଞ୍ଜାମଙ୍କ ପୂର୍ବାନୁମୋଦନ ବିନା କରାଯାଇ ପାରିବ ନାହିଁ ।

ପୋଡାମାରୀ ଗ୍ରାମର ଜମିର ବିବରଣୀ

ମୌଜା – ପୋଡାମାରୀ ଜିଲ୍ଲା – ଗଞ୍ଜାମ

ତହସିଲ - ସାନଖେମୁଣ୍ଡି

ଖାତା ନମ୍ବର	ପ୍ଲଟ ନମ୍ବର	ମୋଟ ରକବା (ଏକର ରେ)	ଅର୍ଜ୍ଜିତ ହେବାକୁ ଥିବା ଜମିର ପରିମାଣ (ଏକର ରେ)	କିସମ	ରୟତଙ୍କ ନାମ	ମନ୍ତବ୍ୟ
୧	୨	୩	୪	୫	୬	୭
୩୩୭	୧୩୬୫	୦.୧୮୫	୦.୦୮୫	ବିଲ ଅଣଜଳସେଚିତ ଦୁଇ	ସେନାଲୁ ଧନୁ ପି:ସେନାଲୁ ଗୁରିମା ଜା: ଗୋଲା ବା: ନିଜଗାଁ	
୩୯୦	୧୭୩	୦.୨୮୦	୦.୦୦୫	ବିଲ ଅଣଜଳସେଚିତ ଦୁଇ	ଯୁଗଳ କିଶୋର ପାଢ଼ି ପି:ରଘୁନାଥ ପାଢ଼ି ଜା: ବ୍ରାହ୍ମଣ ବା:ନିଜଗାଁ	
	୧୭୪	୦.୧୧୦	୦.୦୦୫			
	୧୭୫	୦.୧୩୦	୦.୦୧୦			
	୧୭୬	୦.୩୧୦	୦.୧୬୦			
	୧୭୭	୦.୧୬୦	୦.୧୦୦			
	୧୭୮	୦.୧୮୦	୦.୧୧୫			
	୧୭୯	୦.୧୯୦	୦.୧୩୦			

	୧୮୦	୦.୧୯୫	୦.୧୬୫			
	୧୮୧	୦.୧୨୦	୦.୧୦୫			
	୧୮୨	୦.୧୩୦	୦.୦୧୦			
	୧୮୩	୦.୧୦୫	୦.୦୦୫			
୪୩୩	୧୬୧୯	୦.୨୧୦	୦.୦୦୫	ବିଲ ଅଣଜଳସେଚିତ ଏକ	ପୂର୍ଣ୍ଣଚନ୍ଦ୍ର ଗଉଡ଼ ପି:ଚୁରିଆ ଗଉଡ଼ ଜା: ଗୌଡ ବା: ନିଜଗାଁ	
୫୫୯	୧୩୫୯	୦.୦୯୦	୦.୦୫୦	ବିଲ ଅଣଜଳସେଚିତ ଦୁଇ	ଭିକା ପ୍ରଧାନ, ଅର୍ଜୁନ ପ୍ରଧାନ, ଦୁତ ପ୍ରଧାନ ପି: ସମ୍ବାରୁ ପ୍ରଧାନ ଜା: କୁର୍ମ ବା: ନିଜଗାଁ	
	୧୩୮୮	୦.୨୬୫	୦.୧୧୫	ବିଲ ଅଣଜଳସେଚିତ ଏକ		
	୧୩୯୧	୦.୧୦୦	୦.୦୩୫	ବିଲ ଅଣଜଳସେଚିତ ଏକ		
	୧୩୯୩	୦.୨୦୦	୦.୦୦୫	ବିଲ ଅଣଜଳସେଚିତ ଦୁଇ		
୫୬୫	୧୬୦୪	୦.୦୭୦	୦.୦୭୦	ବିଲ ଅଣଜଳସେଚିତ ଦୁଇ	ମକୁନ୍ଦ ଗଉଡ଼, ଏକାଦଶି ଗଉଡ଼, ଅଭିମନ୍ୟୁ ଗଉଡ଼ ପି: ଉଜଳ ଗଉଡ଼, ଭଗତ ଗଉଡ଼, ଶ୍ରୀଧର ଗଉଡ଼ ପି: ଗୋପି ଗଉଡ଼ଜା: ଗଉଡ଼ ବା: ନିଜଗାଁ।	କେନାଳରେ୦.୦୦୫ ଶ୍ମଶାନ ପ୍ରତି ବଦଳରେ ୦.୦୬୫
	୧୬୧୮	୦.୦୮୫	୦.୦୮୫			କେନାଳରେ୦.୦୧୦ ଶ୍ମଶାନ ପ୍ରତି ବଦଳରେ ୦.୦୭୫
୭୨୫	୧୩୯୨	୦.୩୫୦	୦.୧୭୫	ବିଲ ଅଣଜଳସେଚିତ ଏକ	ସତ୍ୟସେନ ପାଣିଗ୍ରାହି ପି:ଗଣପତି ପାଣିଗ୍ରାହି ଜା: ବ୍ରାହ୍ମଣ ବା: ନିଜଗାଁ।	
	୧୩୯୪	୦.୨୬୦	୦.୧୧୫			
୭୨୯	୨୧୧	୩.୧୮୭	୦.୪୫୫	ପଦର	ସଦାନନ୍ଦ ପାଢ଼ୀ ପି:ଦାମୋଦର ପାଢ଼ୀ ଜା: ବ୍ରାହ୍ମଣ ବା: ନିଜଗାଁ।	
୮୫୧	୧୩୮୬	୦.୦୬୫	୦.୦୨୫	ବିଲ ଅଣଜଳସେଚିତ ଏକ	ହରିହର ପାତ୍ର ପି:ବଲଭ ପାତ୍ର ଜା: ମହାନ୍ତି ବା: ନିଜଗାଁ।	
	୧୩୮୭	୦.୭୧୦	୦.୧୯୦			
୮୬୮/୧୮୪୭	୧୬୦୫	୦.୦୪୦	୦.୦୧୦	ପଦର	ସିମାଞ୍ଚଳ ଗୌଡ, ପ୍ରମୋଦ ଗୌଡ, ଲଣ୍ଡା ଗୌଡ, କାହ୍ନୁ ଗୌଡ, ପି: ବୃନ୍ଦାବନ ଗୌଡ, ଜା: ଗୌଡ, ବା: ନିଜଗାଁ।	ଶ୍ମଶାନ ପ୍ରତି ବଦଳରେ

ମୋଟ - ୨.୨୩୦ ଏକର

କେନାଲ ଖନନ ପାଇଁ ଜମି ଅଧିଗ୍ରହଣ = ୨.୦୮୦

ଶ୍ମଶାନ ପ୍ରତିବଦଳ ପାଇଁ ଜମି ଅଧିଗ୍ରହଣ = ୦.୧୫୦

ରାଜ୍ୟପାଳଙ୍କ ଆଦେଶକ୍ରମେ
ମଧୁସ୍ମିତା ସାହୁ
ଅତିରିକ୍ତ ଶାସନ ସଚିବ

Printed and Published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 3311—173+25